# REGIONAL NEWS UNIT, AIR CUTTACK

**Morning Bulletin (7.05 AM)**

**2 December – 2025**

## କୋଣାର୍କ ମହୋତ୍ସବ

ଶାସ୍ତ୍ରୀୟ ନୃତ୍ୟ ହେଉଛି କଳା ମାଧ୍ୟମରେ ଆଧ୍ୟାତ୍ମିକତାର ଅନୁଭବ ଏବଂ ଈଶ୍ୱର ପ୍ରାପ୍ତିର ଏକ ମାର୍ଗ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ୩୬ତମ କୋଣାର୍କ ମହୋତ୍ସବକୁ ଗତକାଲି ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଓଡ଼ିଶାର ସାମଗ୍ରିକ ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଇବାରେ ଏହି ମହୋତ୍ସବ ପ୍ରମୁଖ ଭୂମିକା ଗ୍ରହଣ କରିଛି । ମହୋତ୍ସବ ଅବସରରେ ଚନ୍ଦ୍ରଭାଗାଠାରେ ୧୫ତମ ଆନ୍ତର୍ଜାତିକ ବାଲୁକା କଳା ମହୋତ୍ସବ ଏବଂ ସୁଭଦ୍ରା ଶକ୍ତି ମେଳାକୁ ଶ୍ରୀ ମାଝି ଉଦ୍‌ଘାଟନ କରିଛନ୍ତି । କୋଣାର୍କ ମହୋତ୍ସବ ଆସନ୍ତା ଶୁକ୍ରବାର ଦିନ ଉଦ୍‌ଯାପିତ ହେବ ।

## ରାଜଭବନ ନାମ ପରିବର୍ତ୍ତନ

'ରାଜଭବନ'ର ନାମ ପରିବର୍ତ୍ତନ କରାଯାଇ 'ଲୋକଭବନ' କରାଯାଇଛି । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିର୍ଦ୍ଦେଶନାମା ଅନୁସାରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଏହି ନାମକରଣକୁ ଅନୁମୋଦନ କରିବା ପରେ ଏହା କାର୍ଯ୍ୟକାରୀ ହୋଇଛି । ୨୦୨୪ ମସିହାରେ ରାଜ୍ୟପାଳ ସମ୍ମିଳନୀ ଅବସରରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତି ଆଧାରରେ ଏହି ନାମକରଣ କରାଯାଇଛି ।

## ଧାନସଂଗ୍ରହ

ରାଜ୍ୟରେ ଆଜିଠାରୁ ଧାନସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେଉଛି । ଖାଦ୍ୟଯୋଗାଣ ଓ ଖାଉଟୀକଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମିଲ୍ ମାଲିକସଂଘ ସହିତ ବିଭିନ୍ନ ପ୍ରସଙ୍ଗର ଆଲୋଚନା ଏବଂ ମିଲର୍ସ ସଂଘ ସହ ବୁଝାମଣାପତ୍ର ସ୍ୱାକ୍ଷର ପରେ ଧାନକିଣା ପାଇଁ ନିଷ୍ପତ୍ତି ନିଆଯାଇଛି । ବୈଠକରେ ଓଡ଼ିଶା ରାଇସ୍ ମିଲର୍ସ ଆସୋସିଏସନ ଏବଂ ୩୦ଟି ଜିଲ୍ଲାର ମିଲ୍ ମାଲିକ ସଂଘର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ ।

## ଜ୍ଞାନେଶ କୁମାରଙ୍କ ଦାୟିତ୍ୱ ଗ୍ରହଣ

ସ୍ୱିଡେନର ଷ୍ଟକ୍‌ହୋମ୍‌ସ୍ଥିତ ଇଣ୍ଟରନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଫର ଡେମୋକ୍ରାସିକ ଆଣ୍ଡ୍ ଇଲେକ୍ଟୋରାଲ ଆସିଷ୍ଟାନ୍ସ- ଆଇ.ଡି.ଏର ଅଧ୍ୟକ୍ଷ ଭାବେ ଭାରତର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଆସନ୍ତାକାଲି ଦାୟିତ୍ୱ ଗ୍ରହଣ କରିବେ । ଆସନ୍ତା ବର୍ଷ ପାଇଁ ଏହି ଆନ୍ତର୍ଜାତିକ ସଂସ୍ଥାର ଅଧ୍ୟକ୍ଷ ଭାବେ ସଦସ୍ୟ ରାଷ୍ଟ୍ରଗୁଡ଼ିକର ନିର୍ବାଚନ ପ୍ରକ୍ରିୟାକୁ ଅଧିକ ସଶକ୍ତ କରିବା ଲକ୍ଷ୍ୟ ନେଇ ଶ୍ରୀ କୁମାର ମାର୍ଗଦର୍ଶନ କରିବେ । ୧୯୯୫ ମସିହାରେ ପ୍ରତିଷ୍ଠିତ ଅନ୍ତର୍ଜାତୀୟ ଆଇଡିଏରେ ୩୫ଟି ଦେଶ ସଦସ୍ୟଭାବେ ରହିଥିବାବେଳେ ଯୁକ୍ତରାଷ୍ଟ୍ର ଆମେରିକା ଓ ଜାପାନ ପର୍ଯ୍ୟବେକ୍ଷକ ସଦସ୍ୟ ରହିଛନ୍ତି ।

## କନ୍ଧମାଳ ସମୀକ୍ଷା

କେନ୍ଦ୍ର ଗୃହ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ ରୂପାରୋଶନ ମିଶ୍ର ଦୁଇଦିନିଆ କନ୍ଧମାଳ ଜିଲ୍ଲା ଗସ୍ତରେ ଆସି ଜିଲ୍ଲାରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ ଏବଂ ଉନ୍ନୟନମୂଳକ କାର୍ଯ୍ୟ ଗୁଡ଼ିକର ସମୀକ୍ଷା କରିଛନ୍ତି । ଦାରିଙ୍ଗବାଡି, ଫିରିଙ୍ଗିଆ, ଫୁଲବାଣୀ ଅଞ୍ଚଳ ବୁଲି ଦେଖିବା ସହିତ କଫି ଚାଷର ଅଧିକ ଉନ୍ନତି କିପରି କରାଯାଇପାରିବ ସେ ସମ୍ବନ୍ଧରେ ଜିଲ୍ଲା ପ୍ରଶାସନ ସହିତ ଆଲୋଚନା କରିଥିଲେ । ଶ୍ରୀମତୀ ମିଶ୍ର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଏବଂ ଚାଷୀମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ ।

## ଖାଦ୍ୟଯୋଗାଣ-ଚଢ଼ଉ

ଖାଦ୍ୟଯୋଗାଣ ଓ ଖାଉଟୀ କଲ୍ୟାଣ ବିଭାଗ ପକ୍ଷରୁ ପନିପରିବା ଦର ବୃଦ୍ଧି ନିୟନ୍ତ୍ରଣ ଏବଂ ଯୋଗାଣ ଶୃଙ୍ଖଳ ବଜାୟ ରଖିବା ପାଇଁ ବିଭିନ୍ନ ଜିଲ୍ଲାରେ ଚଢ଼ଉ ଜାରି ରହିଛି । ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହଙ୍କ ନିର୍ଦ୍ଦେଶକ୍ରମେ ପନିପରିବା ଦର ବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ ବିଭାଗର ବିପଣୀ ଗୁପ୍ତବାର୍ତ୍ତା କ୍ଷେତ୍ର କର୍ମଚାରୀମାନଙ୍କ ଦ୍ୱାରା ପ୍ରମୁଖ ବଜାର ଗୁଡ଼ିକ ଯାଞ୍ଚ କରାଯାଉଛି ।

## ଏନ୍ଆର୍ଟିଏସ୍ ପରୀକ୍ଷାଫଳ

ମାଧ୍ୟମିକ ଶିକ୍ଷା ପରିଷଦ - ବୋର୍ଡ ପକ୍ଷରୁ ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି - ଏନ୍ଆର୍ଟିଏସ୍ ୨୦୨୫ର ପରୀକ୍ଷାଫଳ ଗତକାଲି ପ୍ରକାଶ ପାଇଛି ।

ପରୀକ୍ଷାର୍ଥୀମାନେ ବୋର୍ଡ ୱେବ୍‌ସାଇଟରୁ ସେମାନଙ୍କର ପରୀକ୍ଷାଫଳ ସମ୍ବନ୍ଧୀୟ ଖବର ପାଇପାରିବେ । ଚଳିତବର୍ଷ ୫୩ହଜାର ୮୧୦ଜଣ ଛାତ୍ରଛାତ୍ରୀ ଏନ୍‌ଆର୍‌ଟିଏସ୍ ପରୀକ୍ଷା ଦେଇଥିଲେ ।

## ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ

ଏକ ସବୁଜ ଭବିଷ୍ୟତ ପାଇଁ ସ୍ଥାୟୀ ଜୀବନଯାପନର ବାର୍ତ୍ତା ନେଇ ଆଜି ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ ପାଳନ କରାଯାଉଛି । ପରିବେଶକୁ ପ୍ରଦୂଷଣମୁକ୍ତ କରିବା ସହିତ ପ୍ରଦୂଷଣଜନିତ କ୍ଷତିକାରକ ପ୍ରଭାବରୁ ସୁରକ୍ଷିତ ରଖିବା ପାଇଁ ସାମୁହିକ ପ୍ରୟାସ ଉପରେ ଧ୍ୟାନ କେନ୍ଦ୍ରିତ କରିବା ଏହି ଦିବସ ପାଳନର ମୂଳ ଲକ୍ଷ୍ୟ । ଆଜିର ଦିନରେ ୧୯୮୪ ମସିହାରେ ମଧ୍ୟପ୍ରଦେଶର ଭୋପାଳଠାରେ ୟୁନିୟନ କାର୍ବାଇଟ୍ ପ୍ଲାଣ୍ଟ୍‌ରୁ ବିଷାକ୍ତ ଗ୍ୟାସ୍ ନିର୍ଗତ ହେବା ଯୋଗୁଁ ହଜାର ହଜାର ଲୋକଙ୍କର ମୃତ୍ୟୁ ଘଟିଥିଲା ଏବଂ ବଞ୍ଚିଥିବା ଲୋକଙ୍କର ସ୍ୱାସ୍ଥ୍ୟ ପାଇଁ ଦୀର୍ଘକାଳୀନ ପ୍ରଭାବ ପଡିଥିଲା । ଦୁର୍ଘଟଣାରେ ମୃତାହତ ଲୋକଙ୍କୁ ସମ୍ମାନିତ କରିବା ଏବଂ ବିପର୍ଯ୍ୟୟ ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରିବା ଏହି ଦିବସ ପାଳନର ମୂଳ ଲକ୍ଷ୍ୟ ।

## ବ୍ୟଞ୍ଜନ ଦ୍ୱାଦଶୀ

ମାର୍ଗଶୀର ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥି ଅବସରରେ ଆଜି ପୁରୀର ବିଭିନ୍ନ ମଠ ଗୁଡ଼ିକରେ ବ୍ୟଞ୍ଜନ ଦ୍ୱାଦଶୀ ପାଳନ କରାଯାଉଛି । ମାତା ଯଶୋଦା ଆଜିର ତିଥିରେ ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟରେ ନାନାଦିପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ

କରିଥିବା ପରମ୍ପରାକୁ ଉଜ୍ଜୀବିତ କରି ରଖିବା ପାଇଁ ଏହି ପରମ୍ପରା ପାଳନ କରାଯାଉଛି ।

## ଯୁଗ୍ମ ଜନଶୁଣାଣି

କଳାହାଣ୍ଡି ଜିଲ୍ଲାରେ ଗତକାଲି ଜିଲ୍ଲାସ୍ତରୀୟ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଓ ସମାଧାନ ଶିବିରରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ୧୨୩ଟି ଅଭିଯୋଗ ମଧ୍ୟରୁ ୧୭ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୧୨ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା ।

## ବ୍ୟାଡମିଣ୍ଟନ ଚାମ୍ପିୟନସିପ୍

୩୭ତମ ଜାତୀୟ ସବ୍‌ଜୁନିୟର ବ୍ୟାଡମିଣ୍ଟନ ଚାମ୍ପିୟନସିପ୍ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଗତକାଲିଠାରୁ ଆରମ୍ଭ ହୋଇଛି । କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବା ଅବସରରେ କହିଛନ୍ତି କ୍ରୀଡ଼ା କ୍ଷେତ୍ରରେ ଏକ ସ୍ୱର୍ଣ୍ଣିମ ଭବିଷ୍ୟତ ନିର୍ମାଣ କରିବା ପାଇଁ କ୍ରୀଡ଼ାବିତ୍‌ଙ୍କୁ ଏଭଳି ପ୍ରତିଯୋଗିତା ମଞ୍ଚ ପ୍ରଦାନ କରିବ। ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତାରେ ୧୫ବର୍ଷ ଏବଂ ୧୭ ବର୍ଷରୁ କମ୍ ବର୍ଗର କ୍ରୀଡ଼ାବିତ୍‌ମାନେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ଭାଗ ନେଇଛନ୍ତି ।